## କେନ୍ଦ୍ରୀୟ ଶ୍ରମିକ ସଂଗଠନର ସମୂହ ପ୍ରତିବାଦ ଦିବସ ପାଳିତ

# ଶ୍ରମ ଆଇନ ପରିବର୍ତ୍ତନକୁ ବିରୋଧ

**କଟକ,୨୨।୫/ଏନ୍‌ଏନ୍‌ଏସ୍:** କରୋନା ମହାମାରୀଜନିତ ଭୟଙ୍କର ପରିସ୍ଥିତିର ସୁଯୋଗ ନେଇ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାର ଶ୍ରମିକ ଶ୍ରେଣୀ ଉପରେ ଭୟଙ୍କର ଆକ୍ରମଣ ଆରମ୍ଭ କରିଛନ୍ତି । ଏହା ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଏବଂ ସ୍ୱାଧୀନ ଫେଡେରେସନ୍‌ଗୁଡ଼ିକ ପକ୍ଷରୁ ଶୁକ୍ରବାର ଦେଶ ବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ କଟକ ମଧୁପାଟଣା ଛକରେ ପୂର୍ବାହ୍ନ ୧୦ରୁ ୧୧ଟା ପର୍ଯ୍ୟନ୍ତ ଶ୍ରମିକ କର୍ମଚାରୀ ପ୍ଲା କାର୍ଡ ଓ ପୋଷ୍ଟର ପ୍ରଦର୍ଶନ କରି ପ୍ରତିବାଦ ଜଣାଇଥିଲେ । ପୁଞ୍ଜିପତି ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନର ପରିବର୍ତ୍ତନ ବିରୋଧରେ ଇନ୍‌ଟକ୍, ସିଟୁ, ଏଚ୍‌ଏମ୍‌ଏସ୍, ଏଆଇଟିୟୁସି, ଏଆଇୟୁଟିୟୁସି ଭଳି ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କର୍ମଚାରୀ, ଶ୍ରମିକମାନଙ୍କୁ ମାଲିକମାନେ ଦରମା, ମଜୁରୀ ଦେବା ପାଇଁ ବାଧ୍ୟ ନୁହଁନ୍ତି ଭଳି ସଂସଦୀୟ ଶ୍ରମ କମିଟିର ଅଧ୍ୟକ୍ଷ ସାଂସଦ ଭର୍ତ୍ତୃହରି ମହତାବଙ୍କ ସୁପାରିଶକୁ ମଧ୍ୟ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା । ସାରା ଭାରତବର୍ଷର ଜନଗଣ କରୋନା ଭୂତାଣୁ ସହ ଜୀବନ ମରଣ ଲଢେଇ ଲଢୁଥିବାବେଳେ ସଂସଦ କିମ୍ବା ଜନସାଧାରଣଙ୍କୁ ବିଶ୍ୱାସକୁ ନନେଇ ଦେଶର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବା ବିରୋଧରେ ମଧ୍ୟ ନାରାବାଜି ଦିଆଯାଇଥିଲା ।




ଇନ୍‌ଟକ୍‌ର ନେତା ବିପିନ ବିହାରୀ ରାଉତରାଏ, ସନ୍ତୋଷ ଭୋଳ, ସିଟୁର ନେତା ରବିନାରାୟଣ ମଲ୍ଲିକ, ଅଭୟ ସ୍ୱାଇଁ, ଏଚ୍‌ଏମ୍‌ଏସ୍‌ର ନେତା ବିଜୟ ଭୂଷଣ ପତି, ବିରଞ୍ଚି ଶଙ୍କର ନାୟକ, ଏଆଇଟିୟୁସିର ନେତା କିଶୋର ଜେନା, ଅମରେନ୍ଦ୍ର ମହାନ୍ତି, ଏଆଇୟୁଟିୟୁସି ନେତା ରାଜକିଶୋର ମଲ୍ଲିକ, ସୌଭାଗ୍ୟ ସାମଲ ପ୍ରମୁଖ ଏହି ପ୍ରତିବାଦ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ । ସେହିଭଳି ଶ୍ରମିକ ନେତା ବଦ୍ରୀନାରାୟଣ ଦାସ, ଖଗେଶ୍ୱର ସେଠୀ, ପିତାମ୍ବର ଲେଙ୍କା, ଦେବବ୍ରତ ସାମଲ, ତାରକେଶ୍ୱର ରାଓ, ଅଶୋକ ରାଉତ, ଅଭୟ ଦାସ, ନିର୍ମଳ ଦାସ, ମୋହିନୀ ସାମଲ, ପ୍ରକାଶ ରାୟ, ଶୁଭଙ୍କର ଦାସ ପ୍ରମୁଖ ସରକାର ବିରୋଧୀ ନାରା ଦେଇ ଦୈନିକ କାର୍ଯ୍ୟ ସମୟ ବୃଦ୍ଧି ବନ୍ଦ କରିବା, ସମସ୍ତ ଶ୍ରମିକଙ୍କୁ ୩ ମାସ ପାଇଁ ମାସକୁ ୭୫୦୦ ଟଙ୍କା ସହାୟତା, ୧୦ କିଲୋ ଚାଉଳ ବା ଗହମ ଦେବା ସହିତ ପ୍ରବାସୀ ଶ୍ରମିକଙ୍କୁ ସମସ୍ତ ସାମାଜିକ ସୁରକ୍ଷା ଯୋଗାଇ ଦେଇ ଘରକୁ ଫେରାଇ ଆଣିବାକୁ ଦାବି କରିଥିଲେ ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com